# ୨ କିଲୋମିଟର ଯିବାକୁ ଲାଗୁଛି ୨ ଘଣ୍ଟା

- ■୫୫ନଂ. ରାଜପଥରେ ଟ୍ରାଫିକ୍ ଅବ୍ୟବସ୍ଥା
- ■ଘଣ୍ଟାଏ ଫସି ରହିଲା ୩ ଆମ୍ବୁଲାନ୍ସ
- ■ଗୋଟିଏ ପେଟ୍ରୋଲ ପମ୍ପ ପ୍ରତି ଅନୁକମ୍ପା

ଅନୁଗୋଳ,୨୬।୮ (ଜ୍ୟୋତିରଞ୍ଜନ ସାହୁ)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ବାଇପାସ ରାସ୍ତା ମରାମତି ପାଇଁ ଦିନବେଳା ବଅଁରପାଳ ଠାରୁ ରନ୍ତଲେଇ ପର୍ଯ୍ୟନ୍ତ ନୋଏଣ୍ଟ୍ରି କଟକଣା ଲାଗିଛି। ତେଣୁ ଏହି କଟକଣା ସନ୍ଧ୍ୟା ପରେ ଉଠିବା କ୍ଷଣି ରାଜପଥରେ ଟ୍ରାଫିକ ଅବ୍ୟବସ୍ଥା ଦେଖାଦେଉଛି। ଶତାଧିକ ଟ୍ରକ୍ ଲମ୍ବା ଲାଇନ୍‌ରେ ରହୁଥିବାରୁ ସାଧାରଣ ଲୋକେ ଯାତାୟାତରେ ଚଳାଚଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ଭିତର ୨ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ପାଖାପାଖି ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି।



ପ୍ରକାଶ ଯେ, ଅନୁଗୋଳ ବାଇପାସ ରାସ୍ତା ପାଇଁ ଏନ୍‌ଏଚ୍ ୫୫ରେ ଦୀର୍ଘଦିନ ଧରି ଦିନବେଳା ଭାରିଯାନ କଟକଣା ଲଗାଯାଇଛି। ତେଣୁ ସନ୍ଧ୍ୟାରେ ସହର ରାସ୍ତା ପାରି ହେବାକୁ ଭାରିଯାନଗୁଡ଼ିକ ମଧ୍ୟରେ ଯେମିତି ଏକପ୍ରକାର ପ୍ରତିଯୋଗିତା ଦେଖାଦେଉଛି। ଫଳରେ ରାସ୍ତାରେ ଅନେକ ସମୟରେ ତିନି ଲାଇନରେ ଗାଡ଼ି ଯିବାରୁ ଘଣ୍ଟା ଘଣ୍ଟା ଧରି ଜାମ ଲାଗିରହୁଛି। ଜିନ୍ଦଲ ପଟୁ ଆସୁଥିବା ଟ୍ରକ୍‌ଗୁଡ଼ିକ ମଧ୍ୟରୁ ଅନେକ ଟ୍ରକ୍ ହୁଲୁରସିଂହା ଛକଠାରେ ସମ୍ବଲପୁର ପଟକୁ ଯିବାବେଳେ ଅସୁବିଧା ଉପୁଜୁଛି। ଅନେକ ଟ୍ରକ୍ ଚାଳକ ଟ୍ରାଫିକ୍ ନିୟମ ମାନୁ ନ ଥିବା ଦେଖାଯାଉଛି। ସେହିପରି କରଡାଗାଡ଼ିଆ ଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ତେଲ ପକେଇବାକୁ ଟ୍ରକ୍‌ଗୁଡିକ ରାସ୍ତା ଉପରେ ଲାଇନ ହୋଇ ଠିଆ ହେବା ଫଳରେ ଅନୁଗୋଳ ସହର ଯାଏ ଲମ୍ବା ଲାଇନ ଲାଗିରହୁଛି। ଏମିତି ଜାମ ଲାଗି ରହୁଛି କି ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ଗାଡ଼ି ଆଗକୁ ବଢ଼ିପାରୁ ନାହାନ୍ତି। ଗାଡି ଗୁଡିକ ୬କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଲାଇନ ହୋଇ ଠିଆ ହେଉଛନ୍ତି। ପ୍ରାୟ ପ୍ରତେକ ଦିନ ଏପରି ଜାମ ହେଉଥିଲେ ହେଁ ଉକ୍ତ ପେଟ୍ରୋଲ ପମ୍ପ ପ୍ରତି ପ୍ରଶାସନ କାହିଁକି ଅନୁକମ୍ପା ଦେଖାଉଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ମୁଖ୍ୟ ଚିକିତ୍ସାଳୟକୁ ସମ୍ବଲପୁର ପଟୁ ଗୋଟିଏ ରାସ୍ତା ସଂଯୋଗ କରୁଥିବାରୁ ଆମ୍ବୁଲାନ୍ସଗୁଡ଼ିକ କିଛି ଉପାୟ ନ ପାଇ ଘଣ୍ଟା ଘଣ୍ଟା ଧରି ଠିଆ ହେଉଛନ୍ତି। କିଛି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ ଉଠୁଛି। ରବିବାର ସନ୍ଧ୍ୟାରେ ଏକ ସଙ୍ଗେ ୩ଟି ଆମ୍ବୁଲାନ୍ସ ରାଜପଥରେ ଅଟକି ଯାଇଥିଲା। ପ୍ରାୟ ଏକ ଘଣ୍ଟା ବିତିଯିବା ପରେ ପୋଲିସ ଆସି ଜାମରୁ ଆମ୍ବୁଲାନ୍ସକୁ ଛାଡିବାରେ ସଫଳ ହୋଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ ସହ ଆଲୋଚନା

ବଅଁରପାଳ,୨୬।୮ (ସୁବାସ ସାହୁ)

ଅନୁଗୋଳ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନାଲ୍‌କୋ ଏଲଏପି/ ଆଇଟିଆଇ ୧୯୮ ପକ୍ଷରୁ ସୋମବାର ସୌଜନ୍ୟମୂଳକ ସାକ୍ଷାତ କରାଯିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅଭିନନ୍ଦନ ଜଣାଯାଇଥିଲା। ଏହି ଅବସରରେ ନାଲ୍‌କୋ ସ୍ୱୋନସର୍ଡ ଆଇଟିଆଇ (ଏଲଏପି) କ୍ଷତିଗ୍ରସ୍ତ ପ୍ରଜାସଂଘର ଏକ ୧୨ଜଣିଆ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସମସ୍ୟା ନେଇ ଆଲୋଚନା କରିଥିଲେ। ସଭାପତି ଦିବ୍ୟ ରଞ୍ଜନ ଦାସ, ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ, କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ସାହୁ, ଉପ ସଭାପତି ଯୋଗେଶ ସାମଲ, ସମ୍ପାଦକ ପାଣ୍ଡବ ସାହୁ, ସମ୍ପାଦକ ମିଳନ ପ୍ରଧାନ, ପ୍ରଶାନ୍ତ ବେହେରା, ଜ୍ୟୋତି ଶଙ୍କର ବେହେରା, ସୁଶାନ୍ତ ବିଶ୍ୱାଳ, ସନ୍ତୋଷ ବେହେରା, ଓ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସାକ୍ଷାତ ସମୟରେ ନାଲ୍‌କୋ ସ୍ୱୋନସର୍ଡ ଆଇଟିଆଇ (ଏଲଏପି) ୧୯୮ କ୍ଷତିଗ୍ରସ୍ତ ପ୍ରଜା କିପରି ନାଲ୍‌କୋ କାରଖାନାରେ ସ୍ଥାୟୀ ନିଯୁକ୍ତି ସୁଯୋଗ ପାଇବେ ସେ ନେଇ ଦୃଷ୍ଟି ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ଦାବି କରାଯାଇଥିଲା।



କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କରୁଛନ୍ତି ଆଇଟିଆଇ (ଏଲଏପି) କ୍ଷତିଗ୍ରସ୍ତ ପ୍ରଜାସଂଘ କର୍ମକର୍ତ୍ତା।

## ବଟି ପାଇଁ ଠିକାଦାରଙ୍କୁ ଆକ୍ରମଣ

ବଅଁରପାଳ,୨୬।୮ (ସୁବାସ ସାହୁ)

ବଅଁରପାଳ ବ୍ଲକ ସନ୍ତ୍ରୀ ଜାମୁ ସାହିର ବିଦ୍ୟାଧର ମାଝୀଙ୍କୁ ଦାଦାବଟି ପାଇଁ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗଡ଼ସନ୍ତ୍ରୀ ପଞ୍ଚାୟତ ଜାମୁ ସାହିର କୋଠଘର ନିର୍ମାଣ ପାଇଁ ସେହି ସାହିର ବିଦ୍ୟାଧର ମାଝୀଙ୍କୁ ପ୍ରାୟ ୭.୫୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମିଳିଛି। କୋଠଘର ନିର୍ମାଣ ପାଇଁ ୫୦ ହଜାର ଟଙ୍କା ଦାଦା ବଟି ଦେବାକୁ ସେହି ସାହିର ବିଚିତ୍ର ମାଝୀ ଓ ଲିପନ ମାଝୀ ବିଦ୍ୟାଧରଙ୍କୁ ଧମକ ଦେଇଥିଲେ। ଦାଦାବଟି ଦେବାକୁ ମନା କରିବାରୁ ବିଚିତ୍ର ଓ ଲିପନ ଗତ ୨୫ ତାରିଖ ରାତି ପ୍ରାୟ ୯ଟାରେ ବିଦ୍ୟାଧର ଓ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ମୋଟର ସାଇକେଲ କାଚ ଭାଙ୍ଗି ଦେଇଥିଲେ। ଏଥିସହ ହତ୍ୟା ଧମକ ଦେଇଥିଲେ। ବିଦ୍ୟାଧରଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି।

## ଦୁର୍ଘଟଣାରେ ୨ ଭାଇ ଗୁରୁତର

କାମାକ୍ଷାନଗର, ୨୬।୮ (ସୁଧୀର କୁମାର ପରିଡା)

ଶୁଦ୍ଧିକ୍ରିୟା ପାଇଁ ବାର୍ତ୍ତା ଦେଇ ଅଟୋରେ ଫେରୁଥିବା ବେଳେ ଦୁଇ ଭାଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେମାନେ ହେଲେ କାମାକ୍ଷାନଗର ଥାନା ପୁରୁଣାରେଙ୍ଗୁଲା ଗ୍ରାମର ମହେଶ୍ୱର ଖଟୁଆ ଓ ନୀଳମଣି ଖଟୁଆ। ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତାର ରେଙ୍ଗୁଳା ରେଲୱେ ଓଭରବ୍ରିଜଠାରେ ସୋମବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ଦୁଇଭାଇ ଏକ ଅଟୋରେ ଆସୁଥିବା ବେଳେ ଏକ ସିମେଣ୍ଟ ବୋଝେଇ ଟ୍ରକ ସେମାନଙ୍କ ଅଟୋକୁ ଧକ୍କା ଦେଇଥିଲା। ସେମାନଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ପ୍ରକାଶ ଯେ, ମହେଶ୍ୱରଙ୍କ ବାପା ଗତ ପାଞ୍ଚ ଦିନ ତଳେ ପ୍ରାଣ ହରାଇଥିଲେ। ସେଥିପାଇଁ ମହେଶ୍ୱର ଏକ ଅଟୋ ଯୋଗେ ନିଜ ସମ୍ପର୍କୀୟ ଭାଇ ନୀଳମଣିଙ୍କ ସହ ବାପାଙ୍କ ଦଶାହ



କାର୍ଯ୍ୟ ନିମିତ୍ତ ବନ୍ଧୁବାନ୍ଧବଙ୍କ ନିକଟରେ ବାର୍ତ୍ତା ଦେଇ ଗ୍ରାମକୁ ଫେରୁଥିବା ବେଳେ ରେଲୱେ ଓଭରବ୍ରିଜଠାରେ ଢେଙ୍କାନାଳ ପଟୁ ସିମେଣ୍ଟ ଖାଲି କରି ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା । ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିଥିଲେ।

## ଅନୁଗୋଳରେ ୬ ଡେଙ୍ଗୁ ରୋଗୀ ଚିହ୍ନଟ

ଅନୁଗୋଳ,୨୬।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଦିନକରେ ଏତେ ସଂଖ୍ୟକ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଏହାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏହି ଚିହ୍ନଟଙ୍କ ମଧ୍ୟରୁ ୫ ଜଣ ଅନୁଗୋଳର ହୋଇଥିବା ବେଳେ ଜଣେ ଢେଙ୍କାନାଳ ଜିଲାର ବୋଲି ଜଣାପଡ଼ିଛି। ସମସ୍ତଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସ୍କ୍ରିନିଂକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।

## ଅବକାରୀ ଚଢ଼ାଉ, ୭ ଗିରଫ

ବଇଣ୍ଡା, ୨୬।୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର ଠାକୁରଗଡ଼ ଥାନା ଅଞ୍ଚଳର ପଥରଗୁମ୍ଫା, ପାଇକସାହି, ଆମ୍ବସରମୁଣ୍ଡା ଗ୍ରାମଗୁଡିକରେ ଚଢାଉ କରାଯାଇ ୨୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶ୍ରୀପତି ବେହେରା, ପ୍ରଫୁଲ୍ଲ ବେହେରା, ଦିଲୀପ ପ୍ରଧାନ, ପରମାନନ୍ଦ ନାୟକ, ବଲ୍ଲଭ ପ୍ରଧାନ, ଟୁନା ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗ ପାଇବା ପରେ ଆଠମଲ୍ଲିକ ଅବକାରୀ ଟିମ୍ ଚଢ଼ାଉ କରିଥିଲେ।



## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଢେଙ୍କାନାଳ,୨୬।୮ (ରତନ ନାୟାର):



ଢେଙ୍କାନାଳ ସହରସ୍ଥିତ ଆନନ୍ଦନଗରର ୦ । ୬ ର ରହୁଥିବା ଏବଂ ଭୋଜଦେଇପୁର ଗ୍ରାମରେ ଜନ୍ମିତ ଧର୍ମ ପରାୟଣ ବ୍ୟକ୍ତି ପୀତବାସ ମିଶ୍ର (୮୩)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଢେଙ୍କାନାଳ ଜିଲା ଟ୍ରେଜେରି ସମେତ ହିନ୍ଦୋଳ, କାମାକ୍ଷାନଗର, ତାଳଚେର ଆଦିରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କର ପରଲୋକରେ ବିଭିନ୍ନ ସଂଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

# ଭଡ଼ା ଦରରେ ଅନିୟମିତତା ନେଇ ଏତଲା

ତାଳଚେର,୨୬।୮ (ମନୋଜ ନନ୍ଦ)

ଚୁକ୍ତି ଅନୁସାରେ ପ୍ରାପ୍ୟ ପ୍ରଦାନ ନ କରି ଭଡ଼ା ଦରରେ ଅନିୟମିତତା କରିଥିବା ଅଭିଯୋଗ କରି କେତେଜଣ କୋଇଲା ବ୍ୟବସାୟୀ କୋଲିୟରି ଥାନାରେ ଏତଲା ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଜଗନ୍ନାଥ କୋଇଲା ଖଣି ଠାରୁ ଏକ ଘରୋଇ ସଂସ୍ଥା ଜରିଆରେ କୋଇଲା ପରିବହନ କରାଯାଇଥିଲା। କୋଇଲା ପରିବହନ ପୂର୍ବରୁ ବ୍ୟବସାୟୀମାନଙ୍କ ସହିତ ଉକ୍ତ ଘରୋଇ ସଂସ୍ଥାର ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ବର୍ଦ୍ଧିତ ହେଇଥିବା ଭଡ଼ା ସଂକ୍ରାନ୍ତରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୧୬ ନଭେମ୍ବର ୨୦୨୩ରେ ଏମ୍‌ଓୟୁ ଅନୁସାରେ




ବର୍ଦ୍ଧିତ ୫୦ ଟଙ୍କା ଟନ୍ ପ୍ରତି ମିଶାଇ ୨,୧୯୭ ଟଙ୍କା ଦେବେ ବୋଲି ଚୁକ୍ତିପତ୍ର ସ୍ୱାକ୍ଷର କରି କୋଇଲା ପରିବହନ କରିଥିଲେ ଏବଂ ଟ. ୨,୧୫୦ ଟଙ୍କା ଦେବାପାଇଁ ମତ ପ୍ରକାଶ କରିଥିଲେ। ହେଲେ ବ୍ୟବସାୟୀମାନଙ୍କୁ ଜୋର୍ ଜବରଦସ୍ତ ୧,୮୦୦ ଟଙ୍କା ହିସାବ କରି ବ୍ୟାଙ୍କ ଖାତାରେ ପେମେଣ୍ଟ କରିଛନ୍ତି। ଚାଲାଣ, ପେମେଣ୍ଟ ଓ ଟିଡିଏସ୍ ବାବଦ କହି ଗୋଟିଏ ଚାଲାଣରେ ପ୍ରାୟ ୧,୦୦୦ ଟଙ୍କାରୁ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ଦାଦାବଟି ପରି ପଇସା କାଟୁଛନ୍ତି ଓ ପେମେଣ୍ଟର କିଛି ହିସାବ ଦେଉନାହାନ୍ତି। ଏଣୁ ଉକ୍ତ ଘରୋଇ ସଂସ୍ଥାର ସମ୍ପୃକ୍ତ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ୟବସାୟୀମାନେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ଘରୋଇ ସଂସ୍ଥାର ସମ୍ପୃକ୍ତ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି କହିଛନ୍ତି, ଏଥିରେ କୌଣସି ସମ୍ପୃକ୍ତି ନାହିଁ ଓ ଏହା ମିଥ୍ୟା ଏବଂ ଉଦ୍ଦେଶ୍ୟମୂଳକ ଅଭିଯୋଗ।

# ଚୋରି ଅଭିଯୁକ୍ତଙ୍କ ଚିକିତ୍ସା କଲେ, ପୋଲିସକୁ ଦେଲେ

ବଅଁରପାଳ,୨୬।୮ (ସୁବାସ ସାହୁ)

ଚୋରି କରିବାକୁ ଆସିଥିବା ଜଣେ ଅଭିଯୁକ୍ତ ଧରାପଡ଼ିଯିବା ଭୟରେ ଘର ଉପରୁ ଖସିପଡ଼ି ଆହତ ହୋଇଥିଲେ। ଏହି ସମୟରେ ଘର ମାଲିକ ମାନବିକତା ଦେଖାଇ ତାଙ୍କୁ ପ୍ରଥମେ ମେଡିକାଲ ନେଇ ଚିକିତ୍ସା କରାଇଲେ। ଏହାପରେ ପୋଲିସକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଘଟିଥିବା ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ନାଲ୍‌କୋ ପୋଲିସ କହିଛି, ବଳରାମପ୍ରସାଦ ଗ୍ରାମର ସତ୍ୟବ୍ରତ ପ୍ରଧାନଙ୍କ ଘରୁ ଗତ ୨୫ ତାରିଖ ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଥିଲା। ଘର ଗ୍ରିଲରେ ତାଲା ପଡ଼ିଥିବାରୁ ଚୋରି କରିବାକୁ ଆସିଥିବା ଅଭିଯୁକ୍ତ ଜଣକ ଦ୍ୱିତୀୟ ସିଡି ଦେଇ ଘର ଭିତରକୁ ପଶିବାକୁ ଚେଷ୍ଟା କଲାବେଳେ ଧରାପଡ଼ିଯାଇଥିଲେ। ହେଲେ ଖସିଯିବାକୁ ଉଦ୍ୟମ କରିବାରୁ ସେ ତଳକୁ ଗଳି ପଡ଼ିଥିଲେ। ଏ ନେଇ ସତ୍ୟବ୍ରତ ଥାନାକୁ ଜଣାଇବା ସହ ଆହତକୁ ନାଲକୋ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପଶ୍ଚିମବଙ୍ଗର ପ୍ରଶାନ୍ତ ବାସ୍କେ (୩୫)ଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୧୪୬/୨୪ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

SEA SPRINT SERVICES PRIVATE LIMITED
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

TENDER NOTICE
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL

# କୁଞ୍ଜୀକାନ୍ତ ମନ୍ଦିରରେ ଜନ୍ମାଷ୍ଟମୀ ମହୋତ୍ସବ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜୀକାନ୍ତସ୍ଥିତ ଶ୍ରୀରାଧା କୃଷ୍ଣଙ୍କ ମନ୍ଦିରରେ ସୋମବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୬ଟାରେ ପ୍ରାତଃ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ ୬ଟାରେ ବିଜେ ପ୍ରତିମାଙ୍କ ଝୁଲଣ ମଣ୍ଡପକୁ ବିଜେ ହୋଇଥିଲା। ସକାଳ ୭ଟାରୁ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ମଧ୍ୟାହ୍ନ ଧୂପ ହୋଇଥିଲା। ଏହା ପରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ରାଜ ପରିବାର ପକ୍ଷରୁ ଯୁବରାଜ ଅମର





ଜ୍ୟୋତି ସିଂହଦେଓ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଳତୀ କରିଥିଲେ। ଏହା ପରେ ବେଢ଼ା ପରିକ୍ରମା ଓ ନାମ ସଂକୀର୍ତ୍ତନ ଏବଂ ପରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତି ୧୦ଟାରେ ଭାଗବତ ମାଧ୍ୟମରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ଓ ବୃତ୍ତାନ୍ତ ଅନୁଷ୍ଠିତ ହେବା ପରେ ରାତି ୧୧ଟା ୪୫ରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ମଙ୍ଗଳବାର ନନ୍ଦ ଉତ୍ସବ ଅନୁଷ୍ଠିତ ହେବ।

# ଅଣ୍ଡରପାସ୍ ବ୍ରିଜ୍ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ

ବଇଣ୍ଡା, ୨୬।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବଇଣ୍ଡା ଭାଜପା ମଣ୍ଡଳ, ଗ୍ରାମବାସୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଆୟୋଜିତ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇ ଅଞ୍ଚଳବାସୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିବା ସହ କିଛି ଦାବିପତ୍ର ଗ୍ରହଣ କରିଥିଲେ। ବଇଣ୍ଡା ଗ୍ରାମବାସୀଙ୍କ ବହୁ ଦିନର ଦାବି ଆଉ ଏକ ଅଣ୍ଡରପାସ ବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ବଇଣ୍ଡା ଅଞ୍ଚଳରେ ଥିବା ସମସ୍ୟା ସମ୍ପର୍କରେ ଲୋକେ ଅଭିଯୋଗ କରିଥିଲେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ବଇଣ୍ଡା ବାସୀଙ୍କ ଦାବିକୁ ରକ୍ଷା କରାଯାଇ ଆଉ ଗୋଟିଏ ଅଣ୍ଡରପାସ ବ୍ରିଜ ନିର୍ମାଣ କରାଯିବ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଘୋଷଣାକୁ ବଇଣ୍ଡା ଅଞ୍ଚଳବାସୀ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଛନ୍ତି। ପରେ ବିଭିନ୍ନ ମହିଳା ସଙ୍ଗଠନ, ଅବସରପ୍ରାପ୍ତ ସୈନିକ ସଂଘ, ଶିଶୁ ମନ୍ଦିର, ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀ ସଂଘ, ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରଗୁଡିକ ଶୀଘ୍ର ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ରମେଶ ସାଏ, ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଉପ ସଭାପତି ଅର୍ଜୁନ ସାହୁ, ଭାଜପା ନେତା ଅରବିନ୍ଦ ସାହୁ, ବଇଣ୍ଡା ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିୱାଲା, ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ପ୍ରବୀଣ ସାହୁଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।



# ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳନ

ଭୁବନ ୨୬।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନଏସି ଓ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସୋମବାର ଜନ୍ମାଷ୍ଟମୀ ପାଳନ କରାଯାଇଛି। ଭୁବନ ଏନଏସି ଶ୍ରୀଅରିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଜି ରାଉତ ସ୍ମୃତି ବିଦ୍ୟାମନ୍ଦିର ସମେତ ସମସ୍ତ ବେସରକାରୀ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳନ କରାଯାଇଛି। ପ୍ରତ୍ୟକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ, ସୁଦାମା ଓ ଦେବକୀ ବେଶ ହୋଇଥିଲେ। ଏହି ଅବସରରେ ଏକ ପ୍ରତିଯୋଗିତା ହୋଇଥିଲା। ସେଥିରେ ଶ୍ରେଷ୍ଠ ଚୟନ କରାଯାଇଥିଲା। ପରେ ପ୍ରତ୍ୟକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରି ଲଉଡ଼ି ଖେଳକରି ଖୁସି ମନାଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। ସେହିପରି ଗ୍ରାମର ପ୍ରତ୍ୟକ ସାହିରେ ଜନ୍ମାଷ୍ଟମୀ ବ୍ରତ ପାଳନ କରାଯାଇଥିଲା। ସେଥିରେ କୃଷ୍ଣଜନ୍ମ ଉପରେ ଆଧାରିତ ନୃତ୍ୟ ନାଟକ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ନାଟକ ଦେଖିବା ପାଇଁ ହଜାର ହଜାର ଦର୍ଶକ ରୁଣ୍ଡ ହୋଇ ଉପଭୋଗ କରିଥିଲେ।



## ସଂକ୍ଷେପରେ

### ମୃତଦେହ ଜବତ, ହତ୍ୟା ସନ୍ଦେହ

ଛେଣ୍ଡିପଦା,୨୬।୮ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ଦେଇ ଯାଇଥିବା ଅନୁଗୋଳ–ଛେଣ୍ଡିପଦା ପୂର୍ତ୍ତ ବିଭାଗ ରାସ୍ତାର ରେଲୱେ ଉଭର ବ୍ରିଜ୍ ନିକଟରୁ ସୋମବାର ପୋଲିସ ଜଣେ ଅଜଣା ଯୁବତୀଙ୍କ ମୃତଦେହ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ କହିଛି, ଜରପଡା ରେଲୱେ ଉଭରବ୍ରିଜ୍ ନିକଟସ୍ଥ ରେଳ ଧାରଣା ନିକଟରେ ଗାଈ ଚାରାଳିମାନେ ଗାଈ ଚରାଉଥିବା ବେଳେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ୩/୪ ଦିନ ତଳେ ଉକ୍ତ ମୃତଦେହ ପଡ଼ିଥିବା ଓ ପାରିପାର୍ଶ୍ୱିକ ସ୍ଥିତିରୁ କେହି ହତ୍ୟା କରି ପୋଲ ତଳେ ରଖିଥିବା ସନ୍ଦେହ କରାଯାଉଛି। ମୁହଁରେ କାଦୁଅ ମାଟି ଘୋଡାଇ ଦିଆଯିଥିବାରୁ ମହିଳାଙ୍କ ପରିଚୟ ମିଳିପାରିନାହିଁ।

# ୮ ବର୍ଷରେ ୧୭୭ ପ୍ରାଣ ହରାଇଛନ୍ତି

■ସାପ ଓ ସାପ କାମୁଡ଼ା ସମ୍ପର୍କିତ ସଚେତନତା କର୍ମଶାଳା
■ସମ୍ବେଦନଶୀଳ ଜାଗାରେ ସଚେତନତା ଶିବିର ଆୟୋଜନ କରାଯିବ

ଢେଙ୍କାନାଳ,୨୬।୮ (ରତନ ନାୟାର)

ଢେଙ୍କାନାଳ ଆୱାର୍ଡ ପରିବାର ତରଫରୁ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟ ସଭାଗୃହରେ ସାପ ଓ ସାପ କାମୁଡ଼ା ସଚେତନ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଜରୁରୀକାଳୀନ ବିଭାଗର ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ସଙ୍ଗୀତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାପ କାମୁଡ଼ା ଏକ ପ୍ରାକୃତିକ ବିପର୍ଯ୍ୟୟ। ଆମ ଜିଲାରେ ସାପ କାମୁଡା ଜନିତ ମୃତ୍ୟୁହାର ଚିନ୍ତାଜନକ। ୮ ବର୍ଷ ମଧ୍ୟରେ ୧୭୭ଜଣ ସାପ କାମୁଡ଼ାରେ ପ୍ରାଣ ହରାଇଥିବା ବେଳେ ୭ କୋଟି ୮୦ହଜାର ଟଙ୍କା କ୍ଷତି ପୂରଣ ପ୍ରଦାନ କରାଯାଇଛି। ୨୦୧୭, ୨୦୧୮, ଓ ୨୦୧୯ ମସିହାରେ ୨ଜଣ ଲେଖାଏଁ, ୨୦୨୦ରେ ୪୯ଜଣ, ୨୦୨୧ରେ ୫୪ଜଣ, ୨୦୨୨ରେ ୪୫ ଜଣ, ୨୦୨୩ରେ ୨୩ ଜଣ ଏବଂ ଏବଂ ୨୦୨୪ ର ଅଦ୍ୟାବଧି ଜଣଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ଶିଶୁଠାରୁ ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ଯଦି କେହି ସାପ କାମୁଡାରେ ପ୍ରାଣ ହରାନ୍ତି ତାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ମିଳୁଥିବା ବେଳେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍ଗ ପ୍ରତ୍ୟଙ୍ଗ ନଷ୍ଟ ହୋଇଥିଲେ ୨ ଲକ୍ଷ ଟଙ୍କା, ୬୦ ପ୍ରତିଶତରୁ କମ୍ ଅଙ୍ଗ ପ୍ରତ୍ୟଙ୍ଗ ନଷ୍ଟ ହୋଇଥିଲେ ୯୦ ହଜାର ଟଙ୍କା, ୭ଦିନରୁ ଅଧିକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ୧୨ ହଜାର ଟଙ୍କା ଏବଂ ୭ଦିନରୁ କମ୍ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା 'ସତର୍କ' ଆପ୍ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସମସ୍ତ ସୂଚନା ପ୍ରଦାନ କରାଯାଉଛି। ସତର୍କ ଆପ୍‌କୁ ଡାଉନ୍ ଲୋଡ୍ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସମ୍ମଳ ବ୍ୟକ୍ତି ଭାବେ ଆୱାର୍ଡ ପରିବାରର ସଂପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାର ଢେଙ୍କାନାଳ ଜିଲାରେ ସର୍ବାଧିକ ସାପ ଦେଖାଯାଆନ୍ତି । ଆମ ଜିଲାରେ ୯୨ ପ୍ରଜାତିର ସାପ ଦେଖାଯାଉଥିବା ବେଳେ ମାତ୍ର ୮ ପ୍ରଜାତିର ସାପ ବିଷାକ୍ତ। ସାପମାନେ ଘରମୁହାଁ କାରଣରୁ ସାପ କାମୁଡ଼ା ଦୁର୍ଘଟଣା ଘଟୁଛି। ଦୁର୍ଘଟଣାର ଶୀକାର ହେଉଥିବା କିଛି ବ୍ୟକ୍ତି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ସମୟକୁ ନଷ୍ଟ କରୁଥିବାରୁ ମୃତ୍ୟୁମୁଖରେ ପଡୁଛନ୍ତି। ୧୦ ବର୍ଷ ମଧ୍ୟରେ ୧୦୦୦ରୁ ଉର୍ଦ୍ଧ୍ୱ ସାପ କାମୁଡ଼ା ବ୍ୟକ୍ତିଙ୍କ ଜୀବନ ରକ୍ଷା କରିବାରେ ଆୱାର୍ଡ ପରିବାରର ବନ୍ୟଜୀବ ଓ ସାପ ଉଦ୍ଧାରକାରୀ ଦଳର ସଦସ୍ୟମାନେ ସହାୟକ ହୋଇ ପାରିଛନ୍ତି ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ୧୩୨ଟି ଚିହ୍ନଟ ଗ୍ରାମ ପଞ୍ଚାୟତ ସହିତ ସମସ୍ତ ମହାବିଦ୍ୟାଳୟରେ ସଚେତନ ଶିବିର ଆୟୋଜନ କରାଯାଉଛି ବୋଲି ସଭାପତି ଗଦାଧର ସାହୁ କହିଛନ୍ତି। ଶେଷରେ ଢେଙ୍କାନାଳ ଜିଲାକୁ ସାପ କାମୁଡ଼ା ମୃତ୍ୟୁମୁକ୍ତ ଜିଲାରେ ପରିଣତ କରିବା ନିମନ୍ତେ ଉପସ୍ଥିତ କର୍ମଚାରୀ ଶପଥ ପାଠ କରିଥିଲେ । ତଳେ ନଶୋଇ ଖଟ ଉପରେ ମଶାରି ଟାଙ୍ଗି ଶୋଇବା, ଅନ୍ଧାର ରାତିରେ ଗଲାବେଳେ ସାଥିରେ ଟର୍ଚ୍ଚ ନେଇଯିବା ଏବଂ ପଡ଼ୋଶୀରେ ଯଦି କାହାକୁ ସାପ କାମୁଡ଼େ, ଗୁଣିଗାରେଡ଼ିରେ ବିଶ୍ୱାସ ନକରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇବାକୁ ପରିବାର ତରଫରୁ ଅନୁରୋଧ କରାଯାଇଥିଲା। ପୌରପାଳିକାର ପରିମଳ ଓ ସ୍ୱାସ୍ଥ୍ୟ ନୀରିକ୍ଷକ ସନ୍ତୋଷ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୌରପାଳିକାର କର୍ମଚାରୀ ଏବଂ ପରିବାରର ବନ୍ୟଜୀବ ଓ ସାପ ଉଦ୍ଧାରକାରୀ ଦଳର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।



ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

## ଆମ୍ବପଡ଼ାରେ ଜନ୍ମାଷ୍ଟମୀ ପାଳିତ

ଢେଙ୍କାନାଳ,୨୬।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳ ପଞ୍ଚାୟତର ଆମ୍ବପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ପିଲାଙ୍କ ଦ୍ୱାରା ସୋମବାର ଜନ୍ମଷ୍ଟମୀ ପାଳିତ ହୋଇଯାଇଛି। ପିଲାମାନେ ରାଧା, କୃଷ୍ଣ, ବଳରାମ, ଦେବକି, ବାସୁଦେବ, କଂସ, ନନ୍ଦ, ଯଶୋଦା, ସୁଦାମ ଆଦି ବିଭିନ୍ନ ପୋଷାକ ପରିଧାନ କରି ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ଲୋକମାନେ ପୂଜାର୍ଚ୍ଚନା କରିବା ସହିତ ଶ୍ରୀକୃଷ୍ଣ ବେଶଧାରୀ ପିଲାଙ୍କୁ ଲବଣୀ ଖୁଆଇଥିଲେ । ପରେ ପରେ ବିଦ୍ୟାଳୟରେ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା। ପୂର୍ବତନ ସମ୍ପାଦକ ଜୟରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, କୃଷ୍ଣଙ୍କ ଜନ୍ମ ବୃତାନ୍ତ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ନିତ୍ୟାନନ୍ଦ ଦାଶ, ଉପସଭାପତି ଦିବାକର ପାତ୍ର ଓ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ଗୁରୁମା ଗୁରୁଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଆମ୍ବପଡ଼ାରେ ଜନ୍ମାଷ୍ଟମୀ ପାଳନ ଅବସରରେ ଗ୍ରାମ ପରିକ୍ରମା

## ଶିଶୁ ବିଦ୍ୟାମନ୍ଦିରରେ ଦଧିହାଣ୍ଡି ଭଙ୍ଗା



କାମାକ୍ଷାନଗର ୨୬।୮ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ଜନ୍ମାଷ୍ଟମୀ ପାଳନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟରେ ଭାଗବତ ପଠନ କରାଯାଇଥିଲା। ପରେ ପରେ ରାଧା ଓ କୃଷ୍ଣ ବେଶଧାରୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଗୁରୁଜୀ ଗୁରୁମା'ମାନେ ପୂଜାର୍ଚ୍ଚନା କରିବା ପରେ ପାରମ୍ପରିକ ଲଉଡ଼ି ବାଡ଼ି ଖେଳର ତାଳେ ତାଳେ ବେଶଧାରୀ ରାଧାକୃଷ୍ଣ ବିଦ୍ୟାଳୟ ପରିକ୍ରମା କରି ଦଧିହାଣ୍ଡି ଭାଙ୍ଗିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାସ, ପରିଚାଳନା କମିଟି ସଭାପତି ସଞ୍ଜୟ ମିଶ୍ର, ସମ୍ପାଦକ ଶ୍ରୀକାନ୍ତ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ଗୁରୁଜୀ ଗୁରୁମା' ସହଯୋଗ କରିଥିଲେ। ସେହିଭଳି କାମାକ୍ଷାନଗର ଜଗନ୍ନାଥ ମନ୍ଦିର, ଜନ୍ତାରିବୋଲ ଇସ୍କନ ମନ୍ଦିର, ମହୁଲର ବିପିନିବିହାରୀ ମନ୍ଦିର, ଆଳତୁମାର ଦଧିବାମନଜୀଉ ମନ୍ଦିର ଓ ଜିରିଡାମାଳି ଜଗନ୍ନାଥ ମନ୍ଦିର ଓ କାନପୁରା ଭଗବତ ଟୁଙ୍ଗିରେ ଜନ୍ମାଷ୍ଟମୀ ପାଳିତ ହୋଇଛି।

## ଜନ୍ମାଷ୍ଟମୀର ମାହାତ୍ମ୍ୟ ଶୁଣିଲେ ଛାତ୍ରୀଛାତ୍ର

ଢେଙ୍କାନାଳ,୨୬।୮ (ରତନ ନାୟାର)

ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଅଭିଭାବକ ଗିରିଧାରୀ ମହାରଣା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଅତଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ବାବୁଚାନ୍ଦ ମହାଲିକ ଶ୍ରୀକୃଷ୍ଣଙ୍କର ମହିମା ଗାନ କରିବା ସହିତ କୁଞ୍ଜବନରେ ଶିଶୁ ଶ୍ରୀକୃଷ୍ଣଙ୍କୁ ଦୋଳି ଖେଳାଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂପାଦକ ଗଗନ ବିହାରୀ ନାୟକ ଭାରତୀୟ ପରମ୍ପରା, ସଂସ୍କୃତି ଓ ଜନ୍ମାଷ୍ଟମୀର ମାହାତ୍ମ୍ୟ ବିଷୟରେ ଶିଶୁ ଭାଇ ଭଉଣୀମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁଭାଇ ଭଉଣୀମାନେ କୃଷ୍ଣ ଓ ରାଧା ବେଶରେ ସୁସଜ୍ଜିତ ହୋଇ ବିଦ୍ୟାଳୟର ଅଭିଭାବକ ଓ ଗୁରୁଜୀ ଗୁରୁମାଙ୍କ ସହିତ ଶଙ୍ଖ, ଘଣ୍ଟ ଓ ହୁଳହୁଳିର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟା ଅରୁନ୍ଧତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀର ମାହାତ୍ମ୍ୟ ସଂପର୍କରେ ଅତିଥିମାନେ କହୁଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ



ଓଡ଼ାପଡ଼ା, ୨୬।୮ (ରଞ୍ଜିତ ନାୟକ)

ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଉକ୍ତ ଦିବସରେ ଧଳପୁର ଶିଶୁ ମନ୍ଦିରର ଛୋଟ ଛୋଟ ଭାଇଭଉଣୀମାନେ କୃଷ୍ଣ ରାଧା, ନନ୍ଦ ଯଶୋଦା ଏବଂ ସୁଦାମ ବେଶ ହୋଇ ଆସିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ପଡ଼ା ସଙ୍କୁଳର ପୂର୍ବତନ ସଙ୍କୁଳ ପ୍ରମୁଖ ଘନଶ୍ୟାମ ସାମଲ ଏବଂ ମୁଖ୍ୟବକ୍ତା ଭାବେ ପ୍ରତାପ କିଶୋର ନନ୍ଦ ଶିଶୁମାନଙ୍କୁ କୃଷ୍ଣଙ୍କ ଜନ୍ମ ଓ ତାଙ୍କ ବାଲ୍ୟଲୀଳା ବିଷୟରେ କହିଥିଲେ। ଧଳପୁର ଗ୍ରାମରେ ଦହିହାଣ୍ଡି ଭଙ୍ଗା ଯାଇଥିଲା। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକସେବିକା ସହଯୋଗ କରିଥିଲେ।

## ଆଧ୍ୟାତ୍ମିକ ପରିବେଶ ମାନସିକ ଶାନ୍ତି ଦେଇଥାଏ

ଢେଙ୍କାନାଳ,୨୬।୮ (ରତନ ନାୟାର)

**ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ**

ଢେଙ୍କାନାଳ ଇସ୍କନ ଶାଖା ପକ୍ଷରୁ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲଠାରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ନାମ, ସଂକୀର୍ତ୍ତନ ଓ ଆଧ୍ୟାତ୍ମିକ ପରିବେଶ ମାନସିକ ଶାନ୍ତି ଆଣି ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୁବ ସମାଜସେବୀ ଅବିନାଶ ସାମଲ, ରାଜ୍ୟ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଲଳିତେନ୍ଦୁ ମିଶ୍ର, ଜିଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ସତ୍ୟସ୍ୱରୁପ ଦାସ, ରାଜସ୍ୱ ଅମଲା ସଂଘ ଢେଙ୍କାନାଳର ସଭାପତି ବିଭୁତି ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଇସ୍କନ ମାଧ୍ୟମରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ବାଣୀ ଓ ଗୀତାର ମହତ୍ୱ କିପରି ସମଗ୍ର ବିଶ୍ୱକୁ ଆଜି ପରିବ୍ୟାପ୍ତ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଇସ୍କନ ଶାଖା ମୁଖ୍ୟ ପ୍ରେମ କିଶୋର ଦାସ ଉତ୍ସବକୁ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଧ୍ୟାତ୍ମିକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମଙ୍ଗଳବାର ଅନୁଷ୍ଠାନ ପକ୍ଷରୁ ନନ୍ଦ ଉତ୍ସବ ଅନୁଷ୍ଠିତ ହେବା ସହିତ ପ୍ରସାଦ ସେବନ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଇସ୍କନର ସମସ୍ତ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ରାଧାକୃଷ୍ଣ ବେଶରେ ଗ୍ରାମ ପରିକ୍ରମା



ପରଜଙ୍ଗ, ୨୬।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକରେ ଥିବା ୫ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁକ୍ତାପଶି, ସରାଙ୍ଗ, କନ୍ଦରସିଂହା, ସାଆନ୍ଦା ଓ ପରଜଙ୍ଗଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୁନି କୁନି କୋମଳମତି ଶିଶୁମାନଙ୍କୁ ନେଇ ଭାଗବତ ପାଠଠାରୁ ଆରମ୍ଭ କରି ରାଧାକୃଷ୍ଣ ବେଶରେ ବିଭିନ୍ନ କ୍ରୀଡ଼ା ଉତ୍ସବ ଏବଂ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାମାନେ ଗୋପାଳ, ଗୌଡୁଣି, ରାଧାକୃଷ୍ଣ ବେଶ ହୋଇ ସକାଳୁ ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ପ୍ରଭୁ ଶ୍ରୀକୃଷ୍ଣଙ୍କ ଧରାବତରଣ ଏବଂ ମଥୁରାରୁ ଅଯୋଧ୍ୟା ସହ ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ବର୍ଣ୍ଣନା କରାଯାଇଥିଲା।

## ଓଲଟିଲା ଆଇରନ୍ ବୋଝେଇ ଟ୍ରକ

ପରଜଙ୍ଗ,୨୬।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତ ପରମହଂସପୁର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର 'ଅମୃତ ସୁଦ୍ଧା' ପାଣି କାରଖାନା ସମ୍ମୁଖରେ ରାସ୍ତାତଳକୁ ଭାରସାମ୍ୟ ହରାଇ ଓଲଟି ପଡ଼ିଛି ଆଇରନ ବୋଝେଇ ଟ୍ରକ। ଏହି ୧୬ଚକିଆ ଟ୍ରକଟି ଆଇରନ ବୋଝେଇ କରି କେନ୍ଦୁଝର ଯୋଡ଼ା ଅଞ୍ଚଳରୁ ଅନୁଗୁଳ ଅଞ୍ଚଳକୁ ଆସୁଥିଲା। ଭୋର ୪ଟା ସମୟରେ ବର୍ଷା ପ୍ରଭାବରେ ରାସ୍ତା ଦେଖା ନଯିବାରୁ ଟ୍ରକଟି ଓଲଟି ପଡ଼ିଥିଲା।

## ପିଏମ୍ ବିଶ୍ୱକର୍ମା ଯୋଜନାରେ ତାଲିମ ପ୍ରଦାନ


ତାଲିମପ୍ରାପ୍ତ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୬।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତାଳବରକୋଟ ଠାରେ ଥିବା ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ ସଭାଗୃହ ପରିସରରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ୫ଦିନ ଧରି ଚାଲିଥିବା ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦବସରେ ସମସ୍ତ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତାଲିମ ସମୟରେ ବଣିଆମାନଙ୍କୁ ଡିଜିଟାଲ ମାର୍କେଟିଂ, ଅନଲାଇନ କାରବାର ଏବଂ ସୁନା ପରୀକ୍ଷା ଆଦି ତାଲିମ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଢେଙ୍କାନାଳ, କଟକ ଓ ଅନୁଗୋଳ ଜିଲାର ବଣିଆମାନେ ଯୋଗଦେଇଥିଲେ। ଏହା ଏଡୁଜବ୍ସ ଏକାଡେମୀ ତରଫରୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ ସ୍କିଲ ଡେଭେଲପମେଣ୍ଟ କର୍ପୋରେଶନ ଅଧିକାରୀ ଦୀପକ କୁମାର ପାତ୍ର, ଦୀପକ କୁମାର ଗୋଛାୟତ, ଏଡୁଜବ୍ସ ଅଧିକାରୀ ଧ୍ୟାନଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା ଡାକ୍ତରଙ୍କୁ ହତ୍ୟା ପ୍ରତିବାଦରେ କ୍ୟାଣ୍ଡଲ ଶୋଭାଯାତ୍ରା

ଢେଙ୍କାନାଳ,୨୬।୮ (ରତନ ନାୟାର)

କଲିକତାରେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ବଜରଙ୍ଗ କ୍ଲବ୍ ଆହ୍ୱାନରେ ଶୁକ୍ରବାର ଏକ କ୍ୟାଣ୍ଡେଲ୍ ଓ ଟର୍ଚ୍ଚ ଶୋଭାଯାତ୍ରା ଶ୍ରୀବଳରାମ ମନ୍ଦିର ନିକଟରୁ ବାହାରି ସହରର ମୁଖ୍ୟରାସ୍ତା ଦେଇ ଜବାହାର ଚୌକଠାରେ ପହଁଚି ସେଠାରୁ ଗଣେଶ ବଜାର ଛକ ଦେଇ ମୁଖ୍ୟ ଷ୍ଟାଡିୟମ ନିକଟରେ ଥିବା ଲୌହମାନବୀ ତଥା ପୂର୍ବତନ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଁଚିଥିଲେ। ଶୋଭାଯାତ୍ରାରେ ଢେଙ୍କାନାଳ ଏକାଡେମି ଅଫ ମେଡିକାଲ୍ ସାଇନ୍ସ, ଇ–ବୁକ ଇନ୍‌ଷ୍ଟିଚ୍ୟୁଟ୍, ଢେଙ୍କାନାଳ କଲେଜ୍ ଅଫ୍ ନର୍ସିଂ ତଥା ସହରର ବହୁ ସମ୍ବେଦନଶୀଳ ମହିଳା, ସାଧାରଣ ନାଗରିକ ଓ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ। ଶୋଭାଯାତ୍ରାକୁ ବଜରଙ୍ଗ କ୍ଲବର ସଭାପତି ମାନସ ରଞ୍ଜନ ରାଉତ, ସଂପାଦକ ଶୁଭେନ୍ଦୁ କୁମାର ଷଡଙ୍ଗୀ, ବରିଷ୍ଠ ସଭ୍ୟ ସୁବ୍ରତ ଦାସ, ଶଙ୍କଟ ଭଞ୍ଜନ ବେହେରା, ସନ୍ଦୀପ ହିନ୍ଦୋଚା, ସଞ୍ଜିବ କୁମାର ପଣ୍ଡା, ରବିନ୍ଦ୍ର ସୋନି, ବିଭୁ ପ୍ରସାଦ ମହାପାତ୍ର, ଦେବାଶିଷ ନାୟକ, ଶୁଭମ୍ ରଞ୍ଜନ ସାହୁ, ଦେବାଶିଷ ମହାପାତ୍ର, ସନତ ମିଶ୍ର, ସଞ୍ଜୟ ବେହେରା, ରୋଜେଶ ପରିଡା, ଚିନ୍ମୟ ମହାପାତ୍ର, କୁଲଦୀପ ମହାପାତ୍ର, ବିଶ୍ୱଜିତ୍ ବେହେରା, ଜିତେନ୍ଦ୍ର ବେହେରା, ସଭ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ମହାପାତ୍ର, ରାକେଶ ମହାନ୍ତି, ରାଘବେନ୍ଦ୍ର ଭୁଷଣ୍ଡ, ସନ୍ଦୀପ ଷଡଙ୍ଗୀ, ଶୁଭମ୍ ଗୁରୁଙ୍ଗ୍, ଅମର ବେହେରା, ଦୀପ୍ତିରଞ୍ଜନ ମିଶ୍ର, ଓମ୍ ପ୍ରକାଶ ଦାସ, ବିଶ୍ୱଜିତ୍ ମହାପାତ୍ର, ସ୍ମୃତିରଞ୍ଜନ କର, ସତ୍ୟନାରାୟଣ ମହାପାତ୍ର, ଅବିନାଶ ରଣା ଏବଂ ମହିଳା ସଦସ୍ୟ ସୌମ୍ୟା ଷଡଙ୍ଗୀ, ସମୀକ୍ଷା ନନ୍ଦ, ହରପ୍ରିୟା ମହାପାତ୍ର, ମମତା ମହାପାତ୍ର, ନେହା, ରୋଜାଲିନ୍ ମହାନ୍ତି, ସସ୍ମିତା ମାଝି, ଅନନ୍ୟା ଦାସ, ପୂଜା କେଡିଆ, ଲୋହିତା ଶୁଭଶ୍ରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ମଧୁସ୍ମିତା ମଣ୍ଡଳ, ବିଶ୍ୱଜିତ୍ ପଣ୍ଡା, ବିଜନ ପରିଡା, କାଦମ୍ବିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।



କ୍ୟାଣ୍ଡଲ ଶୋଭାଯାତ୍ରାରେ ବିଭିନ୍ନ ସଂଗଠନର ସଦସ୍ୟାମାନେ ଯାଉଛନ୍ତି।

# ଶିକ୍ଷାମନ୍ତ୍ରୀଙ୍କୁ ଦାବି ଜଣାଇଲେ ପାଠଶାଳା କର୍ମକର୍ତ୍ତା



ଅନୁଗୋଳ,୨୬।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା 'ପାଠଶାଳା' କର୍ମକର୍ତ୍ତାମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୋମବାର ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ରାଜା ସୋମନାଥ ସିଂହ ଜଗଦେବଙ୍କଠାରୁ ନେଇ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ପର୍ଯ୍ୟନ୍ତ ଅନେକ ମହାମନୀଷ ଅନୁଗୋଳରେ ଜନ୍ମଲାଭ କରି ଏ ମାଟିକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛନ୍ତି। ପବିତ୍ର ମୋହନ ପ୍ରଧାନଙ୍କ ପରି ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି ହେଉଛି ଅନୁଗୋଳ। ତଥାପି ଅନୁଗୋଳ ଜିଲା ବିଭିନ୍ନ କ୍ଷେତ୍ରରେ ଅବହେଳିତ। ବିଶେଷକରି ଶିକ୍ଷା କ୍ଷେତ୍ରରେ ବହୁ ପଛୁଆ। ଜିଲାରେ ଅନେକ ଶିକ୍ଷାଭିତ୍ତିକ ସମସ୍ୟା ରହିଛି। କିଛି ସମସ୍ୟାକୁ ସମାଧାନ କରିବାର ଆବଶ୍ୟକତା ଜରୁରୀ। ଏହାର ସମାଧାନ ପାଇଁ ଆଠମଲ୍ଲିକ ଉପଖଣ୍ଡରେ ଏକ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାପନ କରାଯାଉ। ଅନୁଗୋଳର ପୁରାତନ ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଉ। ବଡ଼କେରା ଚମ୍ପତିମୁଣ୍ଡାସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ମାଳତୀ ଦେବୀଙ୍କ ହାତଗଢ଼ା ବିଦ୍ୟାଳୟର ପୁନଃରୁଦ୍ଧର କରାଯାଉ। ଅନୁଗୋଳ ଜିଲାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। କେନ୍ଦ୍ରୀୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ସ୍ଥାୟୀ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ କରାଯାଉ। ଜିଲାର ସମସ୍ତ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ବିନାମୂଲ୍ୟରେ ଇଣ୍ଟରନେଟର ବ୍ୟବସ୍ଥା କରାଯାଉ ବୋଲି କର୍ମକର୍ତ୍ତା ନିରୋଦ କୁମାର ସାହୁ, ଭବାନୀ ଶଙ୍କର ସାହୁ, ନିତିଶଚନ୍ଦ୍ର ବେହେରା ପ୍ରମୁଖ ଦାବି କରିଛନ୍ତି।

# ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଜନ୍ମାଷ୍ଟମୀ

ଛେଣ୍ଡିପଦା,୨୬।୮ (ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ୪୦ ଜଣ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କ ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟର ଶୋଭା ମଣ୍ଡନ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସରୋଜ ଭୂତିଆ ଓ ଶିକ୍ଷୟିତ୍ରୀ ଜୁଲି ପାଣିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ ଯୋଗଦେଇ ଝୁଲଣରେ ବାଲ୍ୟ କୃଷ୍ଣଙ୍କୁ ଝୁଲାଇ ଆଶିଷ ଭିକ୍ଷା କରିଥିଲେ। ଓଡ଼ିଆ ଶିକ୍ଷକ ସରୋଜ ଭୂତିଆ ଧନ୍ୟବାଦ ଜ୍ଞାପନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପରିଚାରକ, ପରିଚାରିକାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।




# ଶିଶୁ ଗଳ୍ପ ପୁସ୍ତକ ଆ'ରେ ଠେକୁଆ ଆ' ଉନ୍ମୋଚିତ

ବଇଣ୍ଡା, ୨୬।୮ (ପରିକ୍ଷିତ ସାହୁ)

ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଲିଖିତ ଶିଶୁଗଳ୍ପ ପୁସ୍ତକ ଆ'ରେ ଠେକୁଆ ଆ' ସୋମବାର ଉନ୍ମୋଚିତ ହୋଇଯାଇଛି। ଶିଶୁ କିଶୋର ସାହିତ୍ୟ ଏକାଡେମୀ ଓଡ଼ିଶାର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଜିଲା ସଂସ୍କୃତି ଭବନ ପୁରୀଠାରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟ ଗବେଷକ ଡ. ମନୀନ୍ଦ୍ର ମହାନ୍ତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ ଯୋଗ ଦେଇଥିଲେ। ଏହି ଅବସରରେ ଏକାଡେମୀ ସଦସ୍ୟ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ମୌଳିକ ଶିଶୁ ଗଳ୍ପ ପୁସ୍ତକ ଆ'ରେ ଠେକୁଆ ଆ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏକାଡେମୀ ସମ୍ପାଦକ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ପୁସ୍ତକଟିକୁ ସମୀକ୍ଷା କରିଥିବାବେଳେ ଡ. ହେମନ୍ତ କୁମାର ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ପୁସ୍ତକର ସଫଳତା କାମନା କରିବା ସହିତ ଏହା ଓଡ଼ିଆ ଶିଶୁ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବ ବୋଲି ମତପ୍ରଦାନ କରିଥିଲେ। ଏଥିପୂର୍ବରୁ ପୃଷ୍ଟିଙ୍କ ଲିଖିତ ୩୦ରୁ ଊର୍ଦ୍ଧ୍ୱ ଶିଶୁ ପୁସ୍ତକ ପାଠକ ମହଲରେ ବେଶ ଆଦୃତି ଲାଭ କରିଛି।



# ଶିଶୁମନ୍ଦିରରେ ଶିଶୁଙ୍କ ରାଧାକୃଷ୍ଣ ବେଶ



ପବିତ୍ରନଗର,୨୬।୮ (ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବିଭିନ୍ନ ମନ୍ଦିରରେ ସାଜସଜ୍ଜା ହେବା ସହିତ ସକାଳୁ ପୂଜାର୍ଚ୍ଚନା ଆରମ୍ଭ ହୋଇ ହରିବଂଶ ପୁରାଣ ପାଠ କରାଯାଇଥିଲା। ଜନ୍ମାଷ୍ଟମୀ ଉପଲକ୍ଷେ ଶିଶୁମନ୍ଦିରଗୁଡ଼ିକରେ ମଧ୍ୟ ସ୍ୱତନ୍ତ୍ର ଆୟୋଜନ ହୋଇଥିଲା। ପବିତ୍ରନଗର ଶିଶୁମନ୍ଦିର ଓ ସମଲ ଶିଶୁମନ୍ଦିରରେ ଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହିତ ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଶତାଧିକ ଶିଶୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିବା ସହିତ କୃଷ୍ଣଙ୍କ ବାଲ୍ୟଲୀଳାକୁ ନୃତ୍ୟ ମାଧ୍ୟମରେ ଦର୍ଶାଇଥିଲେ। ଶିଶୁମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା।

# ରାଧାକୃଷ୍ଣ ବେଶରେ ସଜ୍ଜିତ ହେଲେ ଛାତ୍ରୀଛାତ୍ର

ବଅଁରପାଳ,୨୬।୮ (ସୁବାସ ସାହୁ)

ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସମସ୍ତ ଛାତ୍ରୀଛାତ୍ର, ଗୁରୁମା ଓ ଗୁରୁଜୀମାନେ ଗୁରୁ ବନ୍ଦନା ଗାନ କରି ଭାଗବତ ଗୀତା ପାଠ କରିଥିଲେ। ପରେ ସ୍ଥାନୀୟ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଯାଇ ସମୂହ ଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ପୂର୍ବତନ ସମ୍ପାଦକ ନରେଶ ଚନ୍ଦ୍ର ସାହୁ, ଶିଶୁ ମନ୍ଦିର ସଭାପତି ସତ୍ୟବାନ ବରାହ, ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଦୀପ କୁମାର ମାଝି, ରବିନାରାୟଣ ସାହୁ, ପୂର୍ବତନ ସଭାପତି ପୁରନ୍ଦର ବିଶ୍ୱାଳ, କୁନି କୁନି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରିଚାଳନା ସମିତି ସହ ସମ୍ପାଦକ ସୁମନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ଆଠମଲ୍ଲିକ,୨୬।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଉପ ସଭାପତି କଶ୍ୟପ କ୍ଷେତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁଗ୍ମ ସମ୍ପାଦକ ବିପିନ ବିହାରୀ ମହାପାତ୍ର ଏବଂ କୋଷାଧ୍ୟକ୍ଷ ଅଶୋକ ମିଶ୍ର ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥିମାନଙ୍କ ପରିଚୟ ଦେଇଥିଲେ। ଆଚାର୍ଯ୍ୟା ରତ୍ନପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନି କୁନି ଶିଶୁମାନେ ରାଧାକୃଷ୍ଣ ବେଶଧରି ସଂକୀର୍ତ୍ତନ ମଣ୍ଡଳୀ ସହିତ ନଗର ପରିକ୍ରମା କରିଥିଲେ। ଆଚାର୍ଯ୍ୟା ବବିତା ପାତ୍ର, ସବିତା ମହାକୁଡ଼, ରୋଜାଲିନ ସାହୁ, ରିଜୁମଣି ତ୍ରିପାଠୀ, ରଶ୍ମିତା ପାଢ଼ି, ଲିପ୍ସା ଶତପଥୀ, ଦୀପ୍ତିମୟୀ ମହାକୁଡ଼, ଅର୍ଚ୍ଚନା ସିଂ ସାମନ୍ତ, ଇମିଲି ପ୍ରଧାନ, ଦୀପ୍ତିମୟୀ ବେହେରା, ମମିତା ଦାସ, ବିଳାସିନି ଦେବୀ, ରାଜଲକ୍ଷ୍ମୀ ଗୁରୁମା, ଶକୁନ୍ତଳା ଗୁରୁମା, ଶାଶ୍ୱତୀ ସୌମ୍ୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ



ବଇଣ୍ଡା, ୨୬।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଯାଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବଇଣ୍ଡାସ୍ଥିତ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଦ୍ୟାଳୟର ପରିଚାଳିକା ବି.କେ. ବିନୋଦିନୀ ଯୋଗଦେଇ ଜନ୍ମାଷ୍ଟମୀ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ସମ୍ପାଦକ ନିତ୍ୟାନନ୍ଦ ବାରିକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ବି.କେ. ସରିତା, ଉପସଭାପତି ଚୈତନ୍ୟ ବେହେରା, ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଯୋଗ ଦେଇଥିଲେ। ଏହି ଅବସରରେ କୃଷ୍ଣ ବେଶ ହୋଇଥିବା ଛାତ୍ରମାନେ ଦହି ହାଣ୍ଡି ଭାଙ୍ଗିଥିଲେ। ଛାତ୍ରୀଛାତ୍ରମାନେ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ଗୌରୀ ଶତପଥୀ ପରିଚାଳନା କରିଥିଲେ। ବିନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ନପୂର୍ଣ୍ଣା ରାଉତ ସଂଯୋଜନା କରିଥିଲେ। ଏଥିରେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ସେହିପରି ବଇଣ୍ଡା ରାଧାକୃଷ୍ଣ ମନ୍ଦିର, ବନଗୁରୁକେନ୍ଦ୍ର ନାକିଚି, ବାମୁର ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

# ପେଟ୍ରୋଲ ଢାଳି କାର୍ ଜାଳିଦେଲେ ଦୁର୍ବୃତ୍ତ

ବଅଁରପାଳ,୨୬।୮ (ସୁବାସ ସାହୁ)

ବଅଁରପାଳ ବ୍ଲକ ତଳମୂଳ ଗ୍ରାମରେ ଦୁର୍ବୃତ୍ତମାନେ ପେଟ୍ରୋଲ ପକାଇ ଏକ କାର୍ ଜାଳିଦେଇଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗତ ୨୩ ତାରିଖ ଦିନ ତଳମୂଳ ଗ୍ରାମର କାର୍ ମାଲିକ ନରେଶ ସାହୁଙ୍କ ସହ କୌଣସି କାରଣକୁ ନେଇ ସେହି ଗ୍ରାମର ଦିପୁନୁ ସାହୁ, ଶ୍ରୀକାନ୍ତ ସାହୁ ଓ ରାମ ସାହୁଙ୍କ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତମାନେ ନରେଶଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଓ ଗାଡ଼ି ଜାଳିଦେବାକୁ ଧମକ ଦେଇଥିଲେ। ଏହାସହ ଗତ ୨୬ ତାରିଖ ରାତି ପ୍ରାୟ ୧୨ଟା ୪୦ରେ ନରେଶ ଜାଣିବାକୁ ପାଇଲେ ଯେ ତାଙ୍କ ଗ୍ୟାରେଜ ଭିତରେ ଥିବା ଏକ କାର୍ (ନଂ. ଓଡ଼ି୩୩ଏନ-୨୧୨୭)କୁ କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଦିପୁନୁ, ଶ୍ରୀକାନ୍ତ ଓ ରାମ ଏହା କରିଛନ୍ତି ବୋଲି କାର୍ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



# ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରାହକ ସମ୍ମିଳନୀ

ଅନୁଗୋଳ,୨୬।୮ (ମାନସ ବିଶ୍ୱାଳ)

ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଆନୁକୂଲ୍ୟରେ ଅନୁଗୋଳସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ତାଳଚେର ଓ ଅନୁଗୋଳ ଅଞ୍ଚଳର ଗ୍ରାହକଙ୍କୁ ନେଇ ଏକ ସନ୍ତୁଷ୍ଟି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଯୋଗଦେଇ ସମ୍ମିଳନୀରେ ଉପସ୍ଥିତ ଅନେକ ଚାର୍ଟର୍ଡ ଆକାଉଣ୍ଟାଣ୍ଟ, ଡାକ୍ତର, ଶୋ'ରୁମ ମାଲିକ, ବିଲ୍ଡର ଓ ଅନ୍ୟ ମାନ୍ୟଗଣ୍ୟଙ୍କ ସହିତ ବ୍ୟାଙ୍କିଙ୍ଗ ସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରୀ ଶେଖର ଦାଶ, ସହକାରୀ ମହାପ୍ରବନ୍ଧକ ଲଳିତ ମହାନ୍ତ, ଅନୁଗୋଳ ଶାଖା ପରିଚାଳକ ବାବୁଲା ପ୍ରଧାନ ଓ ତାଳଚେର ଶାଖା ପ୍ରବନ୍ଧକ ଶାଶ୍ୱତୀ ପ୍ରଧାନ ଯୋଗଦେଇ ଗ୍ରାହକମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ସହ ଅଗ୍ରାଧିକାର ଦେଇ କାର୍ଯ୍ୟକରିବା ନେଇ ଉପସ୍ଥିତ ଗ୍ରାହକଙ୍କ ଠାରୁ ମତାମତ ଗ୍ରହଣ କରିଥିଲେ। ବିକାଶ କ୍ରିଷ୍ଣା ଗ୍ରାହକ ସେବା ବିକାଶ ଦିଗରେ ଆବଶ୍ୟକ ଆଲୋଚନା କରିଥିଲେ। ଏହି ଅବସରରେ ୧୭ କୋଟି ଟଙ୍କାର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଋଣ ପ୍ରଦାନ କରାଯାଇଥିଲା। ଅନୁଗୋଳ ଓ ତାଳଚେର ଶାଖା ଅଧୀନରେ କୌଣସି ଗ୍ରାହକ ଲଘୁ, କ୍ଷୁଦ୍ର କିମ୍ବା ମଧ୍ୟମ ଧରଣର ଶିଳ୍ପ କରି ଆତ୍ମନିର୍ଭର ହେବାକୁ ଇଚ୍ଛୁକ ଥିଲେ ସେମାନଙ୍କୁ ମଧ୍ୟ ବ୍ୟାଙ୍କ ଅଫ ଇଣ୍ଡିଆ ଋଣ ପ୍ରଦାନ କରି ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରୀ ଶେଖର ଦାଶ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଦେବାଶିଷ ସାହୁ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ରାଧାକୃଷ୍ଣ ବେଶରେ ଗ୍ରାମ ପରିକ୍ରମା

ତାଳଚେର,୨୬।୮ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ବିଦ୍ୱତ ପରିଷଦ ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଅନୁଗୋଳ ଜିଲା ସମ୍ପର୍କ ପ୍ରମୁଖ ସୁଦର୍ଶନ ପରିଡ଼ା, ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ବିଷ୍ଣୁଚରଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ତପନ କୁମାର ସାହୁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପରିଡ଼ା ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଓ ତାଙ୍କର ବିଭିନ୍ନ ଅଲୌକିକ ମହିମା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ୧୫୬ ଜଣ ଛାତ୍ରୀଛାତ୍ର ରାଧା, କୃଷ୍ଣ, ଯଶୋଦା, ସୁଦାମ ଆଦି ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। କଳମଛୁଇଁ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଭଗବତୀ ମହାପାତ୍ର ପରିଚାଳନା କରିଥିବା ବେଳେ ଉପସଭାପତି ତପନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଅନୀଲ କୁମାର ସାହୁ, ମଳୟ ଦାସ, ବସନ୍ତ ମହାନ୍ତି, ଦମୟନ୍ତୀ ନନ୍ଦ, ଭଗବାନ ବେହେରା, ସ୍ନେହଲତା ସ୍ୱାଇଁ, କୁମୁଦ ବେହେରା, ଅର୍ଚ୍ଚନା ସାହୁ, ସଞ୍ଜୟ ସାଲିମାଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।



